# Akashvani, Sambalpur

# SAMBALPURI NEWS EVENING BULLETIN

## 6 September 2026-7.02- 7.12 pm.

---

୧- ରାଏଜେ ଭିନ୍ ଭିନ୍ ଜାଗାର୍ ସଂଶୋଧିତ୍ ଇଂରାଜୀ ବନାନ୍‌ର ବେଭାର୍ ସୁନିଶ୍ଚିତ୍ କର୍‌ବାର୍‌କେ ରାଜସ୍ୱ ବିଭାଗ୍ ତର୍‌ଫୁ ଜିଲ୍ଲାପାଳ ମାନ୍‌କୁ ନିର୍ଦ୍ଦେଶ୍ ।

୨- ବୈଧ ପ୍ରଦୂଷଣ୍ ନିୟନ୍ତ୍ରଣ୍ ପ୍ରମାଣ୍‌ପତ୍ର ଆଉ ବୀମା ଦସ୍ତାବିଜ୍ ରଖି୍‌ବାର୍‌କେ ଗାଡ଼ି ଚାଲକ୍ ମାନ୍‌କୁ ପରାମର୍ଶ ଦେଲା ପରିବହନ୍ ବିଭାଗ୍ ।

୩- ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଉ ଜି.ଏମ୍. ବିଶ୍ୱବିଦ୍ୟାଳୟର୍ ସମାବର୍ତ୍ତନ୍ ଉତ୍ସବ୍‌ଥି ଆଏବାକାଏଲ୍ ଯୋଗ୍ ଦେବେ ରାଜ୍ୟପାଳ୍ ।

ଆଉର୍

୪- ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ଦେବ୍‌ଗଡ଼୍ ସହେତେ ୨୩ ଟା ଜିଲ୍ଲା ନ ଆଏବା ୨୪ ଘଂଟା ଭିତ୍‌ରେ ହେଇପାରେ ବର୍ଷା- ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ।

ଓଡ଼ିଆ ଉଚ୍ଚାରଣ୍ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଓଡ଼ିଆ ଉଚ୍ଚାରଣ୍ ସାଙ୍ଗେ ସମନ୍ୱୟ ରଖିକରି ସଂଶୋଧିତ୍ ହେଇଥିବା ଭିନ୍ ଭିନ୍ ଜାଗା ମାନ୍‌କର୍ ଇଂରାଜୀ ବନାନ୍‌କେ ସବୁ ସର୍‌କାରୀ କାର୍ଯ୍ୟାଳୟ ଆଉ ପ୍ରତିଷ୍ଠାନ୍ ନ ସମାନ୍ ଭାବେ ବେଭାର୍ ସୁନିଶ୍ଚିତ୍ କର୍‌ବାର୍‌କେ ସବୁ ଜିଲ୍ଲାପାଲ୍‌ଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ଇ ବାବ୍‌ଦେ ଜିଲ୍ଲାପାଲ୍ ମାନ୍‌କୁ ଚିଠି ଲେଖିଛନ୍ । ନିଜର୍ ନିଜର୍ ଜିଲ୍ଲାର୍ ସବୁ ସର୍‌କାରୀ କାର୍ଯ୍ୟାଳୟ ଆଉ ପ୍ରତିଷ୍ଠାନ୍‌ର ନାମଫଳକ ମାନ୍‌କେ ସଂଶୋଧିତ ବନାନ୍‌ର ବେଭାର୍ ସୁନିଶ୍ଚିତ୍ କର୍‌ବାର୍‌କେ ଶ୍ରୀ ପାଢ଼ୀ ନିର୍ଦ୍ଦେଶ୍ ଦେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲା ଜୁନ୍ ୨୨ ତାରିଖ୍ ରାଜ୍ୟ ସର୍‌କାର୍‌ଙ୍କର୍ ଗେଜେଟ୍ ବିଜ୍ଞପ୍ତି ଅନ୍‌ସାରେ ଭିନ୍ ଭିନ୍ ଜାଗା ମାନ୍‌କର୍ ସଂଶୋଧିତ ଇଂରାଜୀ ବନାନ୍‌କେ ସର୍‌କାରୀ କାର୍ଯ୍ୟାଳୟ ଆଉ ପ୍ରତିଷ୍ଠାନ୍ ମାନ୍‌କେ ସାଇନ୍‌ବୋର୍ଡ଼୍‌ଥି ମାସେ ଭିତ୍‌ରେ ଲାଗୁ କର୍‌ବାର୍‌କେ ସମିଆ ଦିଆଯାଇଥିଲା । କେତେ ଜାଗା ନ ଇ ନିୟମ୍

ପାଲନ୍ ହେଇଥିବାର୍ ବେଲେ ଆଉ କେତେଟା ଜିଲ୍ଲା ନ ନିୟମ୍ ଠିକ୍ ଭାବେ ପାଲନ୍ ନାଇଁ ହେଇ । ସର୍କାରୀ ସାଇନ୍‌ବୋର୍ଡ଼୍‌ଥି ପୁର୍ନା ବନାନ୍‌ର ବେଭାର୍ ଜାରି ରହେଲେ, ସର୍କାରୀ ନାମକରଣ୍‌ଥି ଅସଂଗତି ସୃଷ୍ଟି ହେବାର୍ ସହେତେ କେବିନେଟ୍ ନିଷ୍ପତିର୍ ଉଦ୍ଦେଶ୍ୟ ପ୍ରଭାବିତ ହେବା ।

ଇତାକେ ନଜର୍‌ଥି ରଖିକରି ନିଜର୍ ନିଜର୍ ଜିଲ୍ଲାର୍ ସାଇନ୍‌ବୋର୍ଡ଼୍‌ର ସମୀକ୍ଷା କରିକରି ସଂଶୋଧିତ୍ ଇଂରାଜୀ ବନାନ୍‌ର ସମାନ୍ ବେଭାର୍ ସୁନିଶ୍ଚିତ୍ କର୍‌ବାର୍‌କେ କୁହାଯାଇଛେ । ଇତାର୍‌ସହେତେ ହପ୍ତେ ଭିତ୍‌ରେ ଇ ବାବ୍‌ଦେ ଅନୁପାଳନ ରିପୋର୍ଟ ଦାଖଲ୍ କର୍‌ବାର୍‌କେ ଜିଲ୍ଲାପାଲ୍ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଇ- ଡିଟେକସନ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ପରିବହନ୍ ବିଭାଗ୍ ତର୍‌ଫୁ ଇ-ଡିଟେକ୍‌ସନ୍ ବ୍ୟବସ୍ଥା ଇ ମାସ ପହେଲାନୁ କାର୍ଯ୍ୟକାରୀ କରାଯାଇଛେ । ସବୁ ଚାଲକଙ୍କୁ ବୈଧ ପ୍ରଦୂଷଣ୍ ନିୟନ୍ତ୍ରଣ୍ ପ୍ରମାଣ୍‌ପତ୍ର- ପିୟୁସିସି ଆଉ ବୀମା

ଦସ୍ତାବିଜ୍ ରଖିବାର୍ ଲାଗି ବିଭାଗ୍ ତରଫୁ ପରାମର୍ଶ ଦିଆଯାଇଛେ । ବୈଧ ବୀମା ବଦ୍ଲା ସର୍ବସାଧାରଣ ରାସ୍ତାଥି ଗାଡ଼ି ଚଲାଲେ ଇଲେକ୍ଟ୍ରୋନିକ୍ ପଦ୍ଧତିଥି ଚିହ୍ନଟ କରାଯାଇକରି ଇ-ଚାଲାଣ୍ କଟାଯିବା ବଲି ଲୁକ୍କୁ ଜନେଇ ଦିଆଯାଇଛେ । କେନ୍ଦ୍ରୀୟ ମୋଟର୍ ଯାନ ନିୟମାବଳୀ ୧୯୮୯ ର ଅଧିନିୟମ୍ ୧୬୭ ଅନ୍‌ସାରେ ଧାରିଜ୍ ବୈଧାନିକ ସମୟସୀମା ଉତ୍‌ରୁ ଚାଲାଣ୍ ବାକି ଥିବା ଗାଡ଼ି ମାନ୍‌କର୍ କେନ୍‌ସି ଆର୍‌ଟିଓ କାମ୍ କି କେନ୍‌ସି କାର୍‌ବାର୍ ନାଇଁ ହେଇପାରେ ବଲି ବିଭାଗ୍ ତରଫୁ କୁହାଯାଇଛେ । ଇ ପ୍ରଯୁକ୍ତିବିଦ୍ୟାର୍ ପ୍ରବର୍ତନ୍ ଟ୍ରାଫିକ୍ ଶୃଙ୍ଖଲା ସୁନିଶ୍ଚିତ୍ କର୍‌ବାର୍, ପରିବେଶ୍ ସମ୍ବନ୍ଧୀୟ ନିୟମ୍ କଡ଼ାକଡ଼ି, ତୃତୀୟ ପକ୍ଷର୍ ସୁରକ୍ଷା ଆଉ ସଡ଼କ୍ ସୁରକ୍ଷାକେ ମଜ୍‌ଭୁତ୍ କର୍‌ବାର୍ ଉଦ୍ଦେଶ୍ୟଥି ଲାଗୁ କରାଯାଇଛେ ।

ବିଜେପି କାର୍ଯ୍ୟକାରିଣୀ ବୈଠକ ଆର୍‌ଏନ୍‌ୟୁ/ କଟକ୍

କଟକ୍‌ର ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ଚାଲିଥିବା ଭାରତୀୟ ଜନତା ପାର୍ଟିର୍ ୨ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ୍ ଆଏଜ୍

ଶେଷ୍ ହେଇଛେ । ଇଥି ସାମ୍ପ୍ରତିକ୍ ରାଜନୈତିକ୍ ପରିସ୍ଥିତି, କେନ୍ଦ୍ର ଆଉ ରାଜ୍ୟ ସର୍କାରଙ୍କର୍ ଭିନ୍ ଭିନ୍ ଜନକଲ୍ୟାଣ୍କାରୀ ଯୋଜ୍ନା ବାବ୍ଦେ ଆଲୋଚନା କରାଯାଇକରି ଆଏବା ରଣନୀତି ତିଆର୍ କରାଯାଇଛେ । ବୈଠକ୍ଥି ସର୍କାର୍ ଆଉ ସଂଗଠନ୍ ଭିତ୍ରେ ସମନ୍ୱୟ ରଖିବାର୍ ଉପ୍ରେ ଖାସ୍ ଜୋର୍ ଦିଆଯାଇଛେ । ରାଷ୍ଟ୍ରୀୟ ସାଧାରଣ୍ ସମ୍ପାଦକ ସୁନୀଲ୍ ବଂଶଲ୍, ରାଜ୍ୟ ପ୍ରଭାରୀ ବିଜୟପାଲ୍ ସିଂହ ତୋମାର୍, ସହ-ପ୍ରଭାରୀ ଲତା ଉଷେଣ୍ଡୀ, ରାଜ୍ୟ ସଭାପତି ମନମୋହନ୍ ସାମଲ୍, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା ଆର୍ ରାଜ୍ୟ ମନ୍ତ୍ରିମଣ୍ଡଳ୍ର ସବୁ ସଦସ୍ୟମାନେ ଯୋଗ୍ ଦେଇଥିଲେ । ଓଡ଼ିଶାକେ ଗୁଟେ ବିକଶିତ୍ ରାଜ୍ୟ ଭାବେ ଗଢ଼୍ବାର୍ ଲାଗି ଆଉ ବିକଶିତ୍ ଓଡ଼ିଶା- ବିକଶିତ୍ ଭାରତ୍ ଲକ୍ଷ୍ୟ ପୂରଣ୍ ଲାଗି ତୃଣମୂଲ୍ସ୍ତର୍ଥି ଦଲୀୟ କର୍ମକର୍ତାଙ୍କର୍ କାମ୍ ଆଉ ସେବା ଆଗ୍କେ ଜାରି ରହେବାର୍ ଉପ୍ରେ ମତ ପ୍ରକାଶ୍ ପାଇଛେ ।

ପଂଚାୟତ ନିର୍ବାଚନ ଆର୍ଏନ୍ୟୁ/ କଟକ୍

ରାଏଜେ ଆଏବା ମାର୍ଚ୍ଚ ମାସ୍ ୫ ତାରିଖ୍‌ତକ୍ ଜନଗଣନା ପ୍ରକ୍ରିୟା ଶେଷ୍ ହେବା ବଲି ରାଜ୍ୟ ନିର୍ବାଚନ୍ କମିଶନର୍ ମଧୁସୂଦନ୍ ପାଢ଼ୀ କହିଛନ୍ । ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ଶ୍ରୀ ପାଢ଼ୀ କହିଛନ୍ ଇତାର୍‌ଉତ୍‌ରୁ ପଂଚାୟତ୍ ନିର୍ବାଚନ୍ ଲାଗି ବିଜ୍ଞପ୍ତି ବାହାର୍‌ବା । ୫ ଟା ଖେପେ ଆଏବା ମାର୍ଚ୍ଚ କି ଏପ୍ରିଲ୍ ମାସେ ପଂଚାୟତ୍ ନିର୍ବାଚନ୍ ହେବା ବଲି ସେ କହିଛନ୍ । ପଂଚାୟତ୍ ନିର୍ବାଚନ୍ ଉତ୍‌ରୁ ମାସେ ଭିତ୍‌ରେ ପୌର ନିର୍ବାଚନ୍ ହେବା । ଅକ୍ଟୋବର୍ ୨୪ ନୁ ନଭେମ୍ବର୍ ୭ ତାରିଖ୍‌ତକ୍ ରାଏଜେ ଘର୍‌କେ ଘର୍ ସର୍ଭେ କାମ୍ ହେବାର୍ ଉତ୍‌ରୁ ଫେବୃଆରୀ ୧୦ ତାରିଖ୍‌ତକ୍ ଚୂଡ଼ାନ୍ତ ଭୋଟର୍ ତାଲିକା ବାହାର୍‌ବାର୍ ବାବଦ୍ କାର୍ଯ୍ୟସୂଚୀ ସ୍ଥିର୍ ହେଇଥିବାର୍ ଶ୍ରୀ ପାଢ଼ୀ କହିଛନ୍ ।

ଜନଅଭିଯୋଗ ଶୁଣାଣି ଶିବିର ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବାକାଏଲ୍ ବନ୍ଦ୍ ରହେବା । ଭୁବ୍‌ନେଶ୍ୱର୍ ୟୁନିଟ-୨ ଠାନେ ହେବାର୍‌କେ ଥିବା ଅଭିଯୋଗ୍ ଶୁଣାଣିକେ ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ

କାମ୍ ଥିବାରନ୍ନୁ ବନ୍ଦ୍ ରଖାଯାଇଛେ । ପରବର୍ତୀ ଶୁଣାଣି ତାରିଖ୍ ସମ୍ବାଦପତ୍ର ଆଉ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ପରିବେଶ୍, ଜଙ୍ଗଲ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରଣାଲୟ ତର୍‌ଫୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର୍ ତାଲିକା ବାହାରିଛେ । ଇଥି ରାଜ୍ୟର୍ ୪ ଟା ସହର୍ ଅଛେ । ୩ ଲାଖ୍ ନୁ କମ୍ ଜନସଂଖ୍ୟା ବିଶିଷ୍ଟ ବର୍ଗଥି କଲିଙ୍ଗନଗର୍ ଶିଳ୍ପାଂଚଲ୍ ସହର୍ ଆଉ ବ୍ୟାସନଗର୍‌କେ ପହେଲା ପୁରସ୍କାର୍ ଲାଗି ମନୋନୀତ୍ କରାଯାଇଛେ । ଇ ବର୍ଗଥି ଅନୁଗୁଲ୍ ୨ ଆର୍ ତାଲ୍‌ଚେର୍ ୩ ନମ୍ବର୍ ଠାନ୍ ପାଇଛେ । ୪ ଲାଖ୍ ନୁ ଅଏତ୍‌କା ଜନସଂଖ୍ୟା ବର୍ଗଥି ରାଉର୍‌କେଲା ପହେଲା ଠାନ୍ ପାଇଛେ । ସ୍ୱଚ୍ଛ ବାୟୁ ଦିବସ୍ ପାଲନ୍ ଅବ୍‌ସରେ ଆଏବା କାଏଲ୍ ନୂଆଦିଲ୍ଲୀ ଠାନେ ଇ ପୁରସ୍କାର୍ ଦିଆଯିବା । ଦେଶର୍ ମୋଟ୍ ୧୩୨ ଟା ସହର୍‌କେ ନେଇକରି ଇଥିର୍‌ଲାଗି ସର୍ଭେକ୍ଷଣ୍ କରାଯାଇଥିଲା ।

ରାଜ୍ୟପାଲ୍- ସମ୍ବଲପୁର          ସମ୍ବଲପୁର ସମ୍ବାଦଦାତା

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆଏବା କାଏଲ୍ ସମ୍ବଲ୍‌ପୁର୍ ଗସ୍ତଥି ଆସୁଛନ୍ । ସମ୍ବଲ୍‌ପୁର୍ ପହଁଚିକରି ରାଜ୍ୟପାଲ୍ ସଖାଲ୍‌ବେଲା ମା’ ସମେଲଇଙ୍କର୍ ଦର୍ଶନ୍ କର୍‌ବେ । ଇତାର୍ ଉତ୍‌ରୁ ସମ୍ବଲପୁର୍ ବିଶ୍ୱବିଦ୍ୟାଲୟର୍ ୩୬ ନମ୍ବର୍ ସମାବର୍ତ୍ତନ୍ ଉତ୍ସବ୍ ଆଉ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଲୟର୍ ୫ ନମ୍ବର୍ ସମାବର୍ତ୍ତନ୍ ଉତ୍ସବ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଧର୍ମେନ୍ଦ୍ର ପ୍ରଧାନ୍              ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଘର୍ କେନ୍ଦ୍ରମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ବର୍‌ଗଡ଼୍ ଜିଲ୍ଲା ବର୍‌ପାଲିର ୨ ହଜାର୍ ବଛର୍ ପୁର୍‌ନା ଅସୁର୍‌ଗଡ଼୍ ପ୍ରତ୍ନତାତ୍ତ୍ୱିକ ସ୍ଥଲୀ ବୁଲିକରି ଦେଖିଛନ୍ । ଏ.ଏସ୍.ଆଇ. ଅଧିକାରୀ ଆଉ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଲୟର୍ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ଇତାର୍ ଉପ୍‌ରେ ଆଲୋଚନା କର୍‌ବାର୍ ସହେତେ ଇ ଜାଗା ନୁ ମିଲିଥିବା

ଐତିହାସିକ୍ ଅବଶେଷ ଦେଖିଥିଲେ । ଇ ଅବ୍‌ସରେ ସାଂସଦ୍ ଶ୍ରୀ ପ୍ରଧାନ୍ କହିଛନ୍, ଇ ପ୍ରାଚୀନ୍ ସ୍ଥଲୀ ଆମର୍ ସମୃଦ୍ଧ ସଂସ୍କୃତି ଆଉ ସଭ୍ୟତାର୍ ଅନନ୍ୟ ଗନ୍ତାଘର୍ । ହରପ୍ପା ଆର୍ ମୋହେଞ୍ଜୋଦାର୍ ବାଗିର୍ ସମ୍ବଲ୍‌ପୁର୍ ଇଲାକା ନ ବହୁତ୍‌ଟେ ଐତିହାସିକ୍ ପ୍ରତ୍ନତାତ୍ତ୍ୱିକ୍ ଜାଗା ରହିଛେ । ଏ.ଏସ୍.ଆଇ., ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ଆଉ ସ୍ଥାନୀୟ ଶିକ୍ଷାନୁଷ୍ଠାନ୍‌ମାନ୍‌କର୍ ମିଲିତ୍ ଚେଷ୍ଟାଥି ଇ ଗବେଷଣାକେ ଆଗ୍‌କେ ନିଆଯିବା ବଲି ସେ କହିଛନ୍ । ସେ ଆହୁରି କହିଛନ୍, ଡବଲ୍ ଇଞ୍ଜିନ୍ ସର୍‌କାର୍‌ଙ୍କର୍ ମିଳିତ ସହଯୋଗ୍‌ଥି ଇ ପ୍ରାଚୀନ ଐତିହ୍ୟକେ ଲୁକ୍‌କର୍ ନଜର୍‌କେ ଆନ୍‌ବାର୍ ଲାଗି ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଇତିହାସ ବୋଧ ବଢ଼୍‌ବା । ପର୍ଯ୍ୟଟନ୍‌ର ବିକାଶ୍ ହେବା ଆଉ ସ୍ଥାନୀୟ ଇଲାକାର୍ ଅର୍ଥନୈତିକ୍ ପ୍ରଗତିକେ ଗୁଟେ ନୂଆଁ ଦିଶା ଦେବା ବଲି ସେ କହିଛନ୍ ।

ରାଷ୍ଟ୍ରୀୟ ପୋଷଣ ମାସ ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱଛ ଜୀବନ୍ ଲାଗି ସୁଷମ ଆଉ ପୌଷ୍ଟିକ୍ ଖାଦ୍ୟର୍ ଗୁରୁତ୍ୱ ବାବ୍‌ଦେ ଜନସଚେତନତା ସୃଷ୍ଟି ଲକ୍ଷ୍ୟଥି ରାଜ୍ୟ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତରଫୁ ଆଏବା ବୁଧବାର୍ ନୁ ଅକ୍ଟୋବର୍ ମାସ ୯ ତାରିଖ୍ ତକ୍ ରାଏଜେ ରାଷ୍ଟ୍ରୀୟ ପୋଷଣ ମାସ ପାଲନ୍ କରାଯିବା । ଇ ଅବ୍‌ସରେ ଭିନ୍ ଭିନ୍ ସଚେତନତା କାର୍ଯ୍ୟକ୍ରମ୍, ପୋଷଣ୍ ପ୍ରଦର୍ଶନୀ, ଆଲୋଚନାଚକ୍ର ଆଉ ସ୍ୱାସ୍ଥ୍ୟ ଶିବିର ହେବା । ଛୁଆମାନ୍‌କର୍ ସୁସ୍ଥ ବିକାଶ୍, ମାନସିକ ଆଉ ଶାରୀରିକ ଅଭିବୃଦ୍ଧି ଲାଗି ପୋଷଣ ଥିବା ଖାଦ୍ୟର୍ ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ । ଛୁଆମାନେ ଭିନ୍ ଭିନ୍ ପ୍ରକାର୍‌ର ଖାଦ୍ୟ ଖାଏଲେ ସେମାନ୍‌କର୍ ସୁସ୍ଥ ବିକାଶ୍‌ର ସମ୍ଭାବନା ସେତେ ବର୍‌କସ୍ ହେବା ବଲି ବିଶେଷଜ୍ଞମାନେ ମତ ଦେଇଛନ୍ । ଗର୍ଭାବସ୍ଥା ଆଉ ପ୍ରସବ୍ ଉତ୍‌ରୁ ମା'ମାନ୍‌କର୍ ସ୍ୱାସ୍ଥ୍ୟ, ପୋଷଣ୍ ଆର୍ ଯତନ୍- ସୁସ୍ଥ ଛୁଆର୍ ବିକାଶ୍ ଲାଗି ବହୁତ୍ ଜରୁରୀ ଆଏ । ମମତା- ପି.ଏମ୍.ଏମ୍.ଭି.ୱାଇ. ଯୋଜ୍‌ନା ମାତୃତ୍ୱର୍ ଇ ଗୁରୁତ୍ୱପୂର୍ଣ୍ଣ ସମିଆଥି ସାହାଜ୍ ଆଉ ସଚେତନ୍ କର୍‌ବାର୍ ଦିଗେ ଉଲ୍ଲେଖନୀୟ ପଦକ୍ଷେପ୍ ନେଉଛେ । ପର୍ଯ୍ୟାପ୍ତ ପୋଷଣ୍ ଆର୍ ଶୈଶବର ପ୍ରାରମ୍ଭିକ ଯତନ୍- ଛୁଆର୍ ମସ୍ତିଷ୍କ ବିକାଶ୍, ଶିକ୍ଷା ଆର୍ ବିଦ୍ୟାଳୟ ଲାଗି ପ୍ରସ୍ତୁତିର୍ ଗୁଟେ ଦୃଢ଼ ମୂଳଦୂଆ ଆଏ ।

କଟକ ଐତିହାସିକ ବାଲିଯାତ୍ରା       ଆର୍‌ଏନ୍‌ୟୁ/ କଟକ୍

କଟକ୍ ଐତିହାସିକ ବାଲିଯାତ୍ରାର-୨୦୨୬ କେ ସୁରକ୍ଷିତ୍, ସୁବ୍ୟବସ୍ଥିତ୍ ଆଉ ଆକର୍ଷଣୀୟ ଭାବେ ଆୟୋଜନ୍ କର୍‌ବାର୍ ଲାଗି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ଇଥି ଶ୍ରୀମତୀ ଗର୍ଗ ଓଡ଼ିଶାର୍ ନୌବାଣିଜ୍ୟ ଐତିହ୍ୟକେ ବିଶ୍ୱସ୍ତର୍‌ଥି ପହଁଚାବାର୍ ଲାଗି ଅଏତ୍‌କା ଚେଷ୍ଟା ଉପ୍‌ରେ ଜୋର୍ ଦେଇଥିଲେ । ଶୃଙ୍ଖଳା, ସୁରକ୍ଷା ଆଉ ପରିବେଶ୍‌କେ ନଜର୍‌ଥି ରଖିକରି ଇ ବଛର୍ ବାଲିଯାତ୍ରାକେ ପୁରା ପ୍ଲାଷ୍ଟିକ୍‌ମୁକ୍ତ ସବୁଜ ବାଲିଯାତ୍ରା ଭାବେ ପାଲନ୍ କର୍‌ବାର୍‌କେ ନିଷ୍ପତି ହେଇଛେ । ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ଲାଗି ୨ଟା ମଂଚ୍ ତିଆର୍ କରାଯିବା । ଆଂଚଲିକ୍ ବ୍ୟବସାୟୀ ଆଉ କାରିଗର୍‌ମାନ୍‌କୁ ପ୍ରୋତ୍ସାହିତ୍ କର୍‌ବାର୍ ଲାଗି ଓର୍‌ମାସ୍ ତର୍‌ଫୁ ୫ ଶହଟା ଷ୍ଟଲ୍ ଲଗାଯିବା । ଉଠା ଦୁକାନୀମାନ୍‌କର୍ ଲାଗି ଭିନ୍ ଭିନ୍ ଜାଗା ନ ଖାସ୍ ଭେଣ୍ଡିଂ ଜୋନ୍ ଆଉ ହସ୍ତତନ୍ତ ଆର୍ ହସ୍ତଶିଳ୍ପ ଷ୍ଟଲ୍ ଖୁଲ୍‌ବାର୍ ଲାଗି ନିଷ୍ପତି ନିଆଯାଇଛେ । ଆଏବା ନଭେମ୍ବର୍ ମାସ ୨୪

ତାରିଖ୍‌ନୁ ମୁଲ୍ ହେବାର୍‌କେ ଥିବାର୍ ଇ ବାଲିଯାତ୍ରା ଡିସେମ୍ବର୍ ମାସ ୧ ତାରିଖ୍‌ତକ୍ ଚାଲ୍‌ବା । ଇଥର ଇଣ୍ଡୋନେସିଆ ଅଂଶୀଦାର୍ ଦେଶ୍ ଭାବେ ଭାଗ୍ ନେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ରାଜ୍ୟସ୍ତରୀୟ ଅଂଶୀଦାର ସମ୍ମିଳନୀ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଳନୀ କକ୍ଷ ନ ଶିଶୁ ନ୍ୟାୟ କମିଟି, ଓଡ଼ିଶା ହାଇକୋର୍ଟ, ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ମିଲିତ୍ ସହଯୋଗ୍‌ଥି ରାଜ୍ୟସ୍ତରୀୟ ଅଂଶୀଦାର୍ ସମ୍ମିଳନୀ ହେଇଯାଇଛେ । ସମ୍ମିଳନୀଥି ଶିଶୁ ନ୍ୟାୟ ଆଇନ୍-୨୦୧୫ - ଦଶନ୍ଧିର୍ କାର୍ଯ୍ୟକାରିତା ଆଉ ଆଏବା ପନ୍ଥା ବାବ୍‌ଦେ ଆଲୋଚନା କରାଯାଇଛେ ।

ପୁରୀଶ୍ରୀମନ୍ଦିର୍-ବଣଭୋଜି ବେଶ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଜନ୍ମାଷ୍ଟମୀ ଠାନୁ ମୁଲ୍ ହେଇଥିବା ଶ୍ରୀକୃଷ୍ଣଙ୍କର୍ ଲୀଲାର ଆଏଜ୍ ଦଶ୍ମୀ ତିଥି ନ ମାହାପୁରୁଙ୍କର୍ ବଣଭୋଜି ବେଶ ଆଉ କିଛି ସମିଆ ଉତ୍ରୁ ହେବା । ଗୋପଲୀଳା ସମିଆଥି କୃଷ୍ଣ ଆଉ ବଳରାମ୍ ଗାଈ, ବାଛୁରୀମାନ୍‌କୁ ସାଙ୍ଗେ ନେଇକରି ବଣଭୋଜି ଲାଗି ଯାଇଥିବାର୍ କଥା ପୁରାଣଥି ବର୍ଣ୍ଣିତ ରହିଛେ । ଇ ପରମ୍ପରାକେ ସୋର୍ କରିକରି ଭୁଦୋ ମାସର୍ ଅନ୍ଧାର୍ ପଖର ଦଶ୍ମୀ ତିଥିଥି ମାହାପୁରୁଙ୍କୁ ଇ ବେଶ କରାଯାଏସି ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଆଏବା ୭ ଦିନ୍‌ତକ୍ କମ୍ ନୁ ମଧମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ବର୍‌ଗଡ୍, ସମ୍ବଲ୍‌ପୁର୍, ଦେବ୍‌ଗଡ୍, ଅନୁଗୁଲ୍ ସହେତେ ୨୩ ଟା ଜିଲ୍ଲା ନ ଚଡ଼କ୍ ମାରିକରି ବର୍ଷା ହେବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆକଲନ୍ କରାଯାଇଛେ । ଇତାକେ ନଜରଥି ରଖିକରି ସ୍ୱତନ୍ତ୍ର

ରିଲିଫ୍ କମିଶନରଙ୍କର୍ କାର୍ଯ୍ୟାଳୟ ତରଫ୍ରୁ ଇସବୁ ଜିଲ୍ଲାମାନ୍‌କର୍ ଲାଗି ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।